# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 13 September – 2026

***********************************

## ମୁଖ୍ୟ ସମ୍ବାଦ

- ବ୍ରିକ୍ସ ବିଶ୍ୱର ବିଭିନ୍ନ ସମସ୍ୟା ସମାଧାନର ଏକ ମାଧ୍ୟମ; ଉଦ୍‌ଯାପନୀ ଦିବସରେ କହିଲେ ପ୍ରଧାନମନ୍ତ୍ରୀ ।
- ୟୁଏଇ ଗସ୍ତ କାଳରେ ରାଜ୍ୟକୁ ୨ଲକ୍ଷ ୪୩ହଜାର କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆସିଥିବା ମୁଖ୍ୟମନ୍ତ୍ରୀଙ୍କ ସୂଚନା; ସୃଷ୍ଟିହେବ ୯ଲକ୍ଷ ନିଯୁକ୍ତି ସୁଯୋଗ ।
- ସେବା ସଂକଳ୍ପକୁ ଜନସେବା ଅଭିଯାନରେ ପରିଣତ କରିବାକୁ ଗୃହନିର୍ମାଣ ମନ୍ତ୍ରୀଙ୍କ ଆହ୍ୱାନ ।

ଏବଂ

- ଜାପାନ ଇଣ୍ଟରନ୍ୟାସନାଲ ପୁରୁଷ ସିଙ୍ଗଲ୍ସର ଏସ୍‌ଏଲ୍-ଥ୍ରୀ ବର୍ଗରେ ପ୍ରମୋଦ ଭଗତଙ୍କୁ ସ୍ୱର୍ଣ୍ଣପଦକ ।

# ବ୍ରିକ୍ସ ସମ୍ମିଳନୀ

ବ୍ରିକ୍ସ ସମ୍ମିଳନୀରେ ନିଆଯାଇଥିବା ସମସ୍ତ ନିଷ୍ପତ୍ତିକୁ ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ନିକଟରେ ପହଞ୍ଚାଇବାକୁ ସମୟବଦ୍ଧ

କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁତ୍ୱାରୋପ କରିଛନ୍ତି । ନୂଆଦିଲ୍ଲୀରେ ଆୟୋଜିତ ଦୁଇଦିନିଆ ଅଷ୍ଟାଦଶ ବ୍ରିକ୍ସ ସମ୍ମିଳନୀର ଉଦ୍‌ଯାପନୀ ଦିବସରେ ପ୍ରଧାନମନ୍ତ୍ରୀ ସମାବେଶୀ ବିକାଶର ଭବିଷ୍ୟତ ନିର୍ମାଣ ପାଇଁ ସହନଶୀଳତା, ନବସୃଜନ, ସମନ୍ୱୟ ଓ ନିରନ୍ତର ବିକାଶ ସମ୍ପର୍କରେ ଆୟୋଜିତ ଅଧିବେଶନକୁ ସମ୍ବୋଧିତ କରି କହିଛନ୍ତି ବ୍ରିକ୍ସ କେବଳ କେତେକ ଦେଶର ସମୂହ ନୁହେଁ, ବରଂ ଏହା ବିଶ୍ୱର ବିଭିନ୍ନ ସମସ୍ୟା ସମାଧାନର ଏକ ମାଧ୍ୟମ । ବ୍ରିକ୍ସ ସମ୍ମିଳନୀରେ ଗୃହୀତ ହୋଇଥିବା 'ନୂଆଦିଲ୍ଲୀ ଘୋଷଣାନାମା' ମିଳିତ ଦୂରଦୃଷ୍ଟି ଏବଂ ଭବିଷ୍ୟତର ସହଯୋଗ ପାଇଁ ସ୍ପଷ୍ଟ ଦିଗ୍‌ଦର୍ଶନ ପ୍ରଦାନ କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

**- V/O -**

ମହାମାରୀ ଏବଂ ଜଳବାୟୁ ବିପର୍ଯ୍ୟୟ ଭଳି ବୈଶ୍ୱିକ ସଙ୍କଟର ମୁକାବିଲା ପାଇଁ ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ସ୍ଥିରତା ଓ ସହଯୋଗ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି । ଏଥିପାଇଁ ଏକ 'ସମନ୍ୱିତ ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା' ଉପରେ ସହମତି ପ୍ରକାଶ ପାଇଛି ।

ପ୍ରଯୁକ୍ତି ବିଦ୍ୟା ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥକୁ ଅସ୍ତ୍ରଭାବେ ବ୍ୟବହାର ନ କରି ଏହାର ସମାବେଶୀ ବ୍ୟବହାର ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ଏଥିସହ ବ୍ରିକ୍ସ ଏମ୍‌ଏସ୍‌ଏମ୍‌ଇ ପୋର୍ଟାଲ, ଅର୍ବାନ୍ ମୋବିଲିଟି ହବ୍, ଡିଜିଟାଲ ସେଣ୍ଟର ଅଫ୍ ଏକ୍ସଲେନ୍ସ ଏବଂ ଚାଷୀଙ୍କ ପାଇଁ ଡିଜିଟାଲ କୃଷି ନେଟୱର୍କ ଭଳି ପ୍ରସ୍ତାବ ଦିଆଯାଇଛି । ସମ୍ମିଳନୀରେ ବ୍ରିକ୍ସ ରାଷ୍ଟ୍ର ସମୂହର ନେତୃବୃନ୍ଦଙ୍କ ସମେତ ମାଲେସିଆ, ଭିଏତ୍‌ନାମ, ସାଉଦୀଆରବ ଏବଂ ଜାତିସଂଘର ମହାସଚିବଙ୍କ ସମେତ ୧୦ଟି ସହଭାଗୀ ଦେଶର ନେତାମାନେ ଯୋଗ ଦେଇଥିଲେ । ବ୍ରିକ୍ସ ସମ୍ମିଳନୀରେ ଯୋଗଦେଇଥିବା ନେତୃବୃନ୍ଦଙ୍କୁ ପ୍ରଧାନମନ୍ତ୍ରୀ ମୋଦୀ ଧନ୍ୟବାଦ ଅର୍ପଣ କରିବା ସହ ପରବର୍ତ୍ତୀ ଅଧ୍ୟକ୍ଷ ଭାବେ ଚୀନ୍‌କୁ ଶୁଭେଚ୍ଛା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ଆଜି ଉଦ୍‌ଯାପନୀ ଦିବସରେ ବିଭିନ୍ନ ରାଷ୍ଟ୍ରର ଶୀର୍ଷ ନେତୃତ୍ୱଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଥିଲେ ।

## ୟୁଏଇ-ମୁଖ୍ୟମନ୍ତ୍ରୀ ଉଦ୍‌ଯାପିତ

ରାଜ୍ୟର ଯୁବପିଢ଼ୀଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ ସରକାର ନିଜର ସର୍ବାଧିକ ସାମର୍ଥ୍ୟର ଉପଯୋଗ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ସଂଯୁକ୍ତ ଆରବ ଏମିରେଟ୍‌ସ - ୟୁଏଇ ଗସ୍ତ ଶେଷକରି ଗଣମାଧ୍ୟମକୁ ନିଜ ବିବୃତ୍ତିରେ ଶ୍ରୀ ମାଝୀ କହିଛନ୍ତି ୟୁଏଇ ଗସ୍ତ କାଳରେ ଓଡ଼ିଶା ସରକାରଙ୍କ ସହ ମୋଟ୍ ୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ସହ ୧୬ଟି ନିବେଶ ସମ୍ଭାବନା ସୃଷ୍ଟି ହୋଇଛି । ଏହାଦ୍ୱାରା ରାଜ୍ୟକୁ ୨ଲକ୍ଷ ୪୩ହଜାର ୧୬୨କୋଟି ଟଙ୍କାର ନିବେଶ ପ୍ରସ୍ତାବ ହାସଲ ହୋଇଛି । ଏହା ମାଧ୍ୟମରେ ମୋଟ୍ ୯ଲକ୍ଷ ନିଯୁକ୍ତି

ସୁଯୋଗ ସୃଷ୍ଟି ହେବ । ପୂର୍ବରୁ ହାସଲ ହୋଇଥିବା ୨୦ଲକ୍ଷ କୋଟିରୁ ଅଧିକ ଟଙ୍କାର ପ୍ରସ୍ତାବକୁ ମିଶାଇ ବର୍ତ୍ତମାନ ରାଜ୍ୟରେ ମୋଟ୍ ୨୨ଲକ୍ଷ ୫ହଜାର କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆସିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

**- V/O -**

ମୁଖ୍ୟମନ୍ତ୍ରୀ କହିଛନ୍ତି ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶାର ପରିକଳ୍ପନା ଓ ଆସନ୍ତା ୧୦ବର୍ଷ ମଧ୍ୟରେ ରାଜ୍ୟକୁ ୫୦୦ ବିଲିୟନ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବା ପାଇଁ ଉଦ୍ୟମ ଜାରି ରହିଛି । ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟ ସରକାରଙ୍କ ଏକ ଦଳ ଗତ ୯ରୁ ୧୧ତାରିଖ ପର୍ଯ୍ୟନ୍ତ ଆବୁଧାବି ଓ ଦୁବାଇରେ ରାଜ୍ୟରେ ପୁଞ୍ଜିନିବେଶ ପାଇଁ ବିଭିନ୍ନ ସଂସ୍ଥା ଓ ଶିଳ୍ପପତିଙ୍କ ସହ ଆଲୋଚନା କରିଥିଲା ।

## ବରିଷ୍ଠ ନାଗରିକ

ବରିଷ୍ଠ ନାଗରିକ ମାନଙ୍କ ସମ୍ମାନଜନକ ଜୀବନ ଅତିବାହିତ ପାଇଁ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ମନ୍ତ୍ରଣାଳୟ ସଚିବ ସୁଧାଂଶୁ ପନ୍ତ କହିଛନ୍ତି ଦେଶର ୨ଲକ୍ଷ ୮୮ହଜାରରୁ ଅଧିକ ବରିଷ୍ଠ ନାଗରିକ ଆଶ୍ରୟ, ପୁଷ୍ଟିକର ଖାଦ୍ୟ, ଚିକିତ୍ସା, ଫିଜିଓଥେରାପି ଏବଂ ମନୋରଞ୍ଜନ ଭଳି ଜରୁରୀ ସୁବିଧା ଦ୍ୱାରା ଉପକୃତ ହୋଇଛନ୍ତି । ବୃଦ୍ଧ ଓ ବୃଦ୍ଧାମାନଙ୍କ ଯତ୍ନ ପାଇଁ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ଦେଶର ବିଭିନ୍ନ ସ୍ଥାନରେ ୧୪୨ଟି ନୂତନ ବରିଷ୍ଠ ନାଗରିକ ଆଶ୍ରୟସ୍ଥଳୀକୁ ମଞ୍ଜୁର କରାଯାଇଛି । ସ୍ୱାଧୀନ ଜୀବନଯାପନ ପାଇଁ

୨୦୦ରୁ ଅଧିକ ଶିବିର ଆୟୋଜନ କରାଯାଇ ୪ଲକ୍ଷ ୯୦ହଜାରରୁ ଅଧିକ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଉଛି । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବରିଷ୍ଠ ନାଗରିକମାନଙ୍କୁ ୨୩ଲକ୍ଷ ୯୩ହଜାର ସହାୟକ ଉପକରଣ ବଣ୍ଟନ କରାଯାଇଥିବା ନେଇ ସଚିବ ସୂଚନା ଦେଇଛନ୍ତି ।

## ସେବା ସଂକଳ୍ପ ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ବର୍ଷର ସାର୍ବଜନୀନ ଜୀବନ ଓ ଜନସେବାରୁ ପ୍ରେରଣା ନେଇ ଦେଶବ୍ୟାପୀ ଆରମ୍ଭ ହେଉଥିବା ସେବାସଂକଳ୍ପ ଅଭିଯାନକୁ ରାଜ୍ୟରେ ବ୍ୟାପକ ଜନସେବା ଅଭିଯାନରେ ପରିଣତ କରିବାକୁ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଆହ୍ୱାନ ଦେଇଛନ୍ତି । ସମାଜର ପ୍ରତ୍ୟେକ ବର୍ଗ ଓ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଜନସେବା ସହ ଯୋଡ଼ିବା ଏହି ଅଭିଯାନର ଲକ୍ଷ୍ୟ । ଆସନ୍ତା ୧୭ ତାରିଖରୁ ଅକ୍ଟୋବର ୧୭ଯାଏ ଆୟୋଜିତ ହେବାକୁ ଥିବା ଏହି ଅଭିଯାନ ଅନ୍ତର୍ଗତ ରାଜ୍ୟବ୍ୟାପୀ ରକ୍ତଦାନ ଶିବିର, ସ୍ୱଚ୍ଛତା ଅଭିଯାନ, ଶ୍ରମଦାନ, ଚାରାରୋପଣ, ଜନସଚେତନତା ଓ ବିଭିନ୍ନ ସାମାଜିକ ଏବଂ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଆୟୋଜିତ କରାଯିବ । ଯୁବଶକ୍ତିକୁ ଅଭିଯାନର ଏକ ପ୍ରମୁଖ ଅଂଶ ବୋଲି ଅଭିହିତ କରିବା ସହ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ସୃଜନଶୀଳ ପ୍ରତିଯୋଗିତାର ଆୟୋଜନ କରାଯିବ ବୋଲି ଡକ୍ଟର ମହାପାତ୍ର କହିଛନ୍ତି । ମହିଳା ସଶକ୍ତିକରଣ, ଚାଷୀଙ୍କ ସମୃଦ୍ଧି, ଯୁବବର୍ଗଙ୍କ ଦକ୍ଷତା ବିକାଶ, ଗରିବଙ୍କ କଲ୍ୟାଣ ଓ

ଜନଜାତି ସମାଜର ଉନ୍ନତିକୁ ମଧ୍ଧ ଅଭିଯାନର ସେବାମୂଳକ ଦୃଷ୍ଟିକୋଣ ସହ ଯୋଡ଼ାଯିବ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସୁଫଳ ସମାଜର ପ୍ରତ୍ୟେକ ବର୍ଗଙ୍କ ନିକଟରେ ପହଞ୍ଚାଇବା ପାଇଁ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ । ସେବାରୁ ସଂକଳ୍ପ, ସଂକଳ୍ପରୁ ବିକାଶ ଏବଂ ବିକାଶରୁ ଏକ ସମୃଦ୍ଧ, ସଶକ୍ତ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଏହି ଅଭିଯାନରେ ସକ୍ରିୟ ଭାବେ ସାମିଲ ହେବାକୁ ରାଜ୍ୟବାସୀଙ୍କୁ ଡକ୍ଟର ମହାପାତ୍ର ଆହ୍ୱାନ ଦେଇଛନ୍ତି ।

## ସେବା ସଂକଳ୍ପ

ନୟାଗଡ ଜିଲ୍ଲାରେ ଆୟୋଜିତ ହେବାକୁଥିବା ସେବା ସେବା ସଂକଳ୍ପ ଅଭିଯାନର ସଫଳ ରୂପାୟନ ଏବଂ ଅଭିଯାନକୁ ଜନମୁଖୀ କରିବା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ବିଜେପି ସଭାପତି ତାପସ ରଞ୍ଜନ ମାର୍ଥାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଯୋଗଦେଇ ଅଭିଯାନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ ।

# ଜନ ଅଭିଯୋଗ ଶୁଣାଣି ବନ୍ଦ

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତାକାଲି ବନ୍ଦ ରହିବ । ଗଣେଶପୂଜା ତଥା ସରକାରୀ ଛୁଟି ପରିପ୍ରେକ୍ଷୀରେ ଶୁଣାଣି ଶିବିର ବନ୍ଦ ରହିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ

ସୂଚନା ଦିଆଯାଇଛି । ପରବର୍ତ୍ତୀ ଶୁଣାଣି ତାରିଖ ଗଣମାଧ୍ୟମ ଦ୍ୱାରା ଅବଗତ କରାଯିବ ବୋଲି ବିଭାଗ କହିଛି ।

# ନିକୁଞ୍ଜ ଲୀଳା

ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ଆଜି ନିକୁଞ୍ଜ ଲୀଳା ଅନୁଷ୍ଠିତ ହେଉଛି । ଜନ୍ମାଷ୍ଟମୀଠାରୁ ଶ୍ରୀମନ୍ଦିରରେ ପାଳିତ ହୋଇଆସୁଥିବା ଶ୍ରୀକୃଷ୍ଣଙ୍କ ଲୀଳା କ୍ରମରେ ଆଜି ସଂଧ୍ୟାଧୂପ ପରେ ଏହି ନୀତି ପାଳନ କରାଯିବ । ଗତକାଲି ଠାକୁରଙ୍କର ପବିତ୍ର ଦାବାଗ୍ନି ଲୀଳା ଅନୁଷ୍ଠିତ ହୋଇଯାଇଛି ।

## ହକି

ଭାରତୀୟ କନିଷ୍ଠ ମହିଳା ହକି ଦଳ ଏସିଆ କପ୍ ବିଜୟୀ ହୋଇଛି । ଚୀନ୍‌ର ମୋକିଠାରେ ଆଜି ଅପରାହ୍ଣରେ ଅନୁଷ୍ଠିତ ହୋଇଥିବା ଫାଇନାଲ ମ୍ୟାଚ୍‌ରେ ଗତଥରର ଚାମ୍ପିୟନ ଭାରତ' ଚୀନ୍‌କୁ ୧-୦ ଗୋଲ୍‌ରେ ପରାସ୍ତ କରି ଏହି ସଫଳତା ହାସଲ କରିଛି । ମ୍ୟାଚ୍‌ର ୧୭ତମ ମିନିଟ୍‌ରେ ଦଳପକ୍ଷରୁ ସାନିକା ଚନ୍ଦ୍ରକାନ୍ତ ମାନେ ଏକ ଗୋଲସ୍କୋର କରି ଭାରତକୁ ଏହି ବିଜୟ ଦେଇଛନ୍ତି । ଏଥିସହ ଭାରତ କ୍ରମାଗତ ତୃତୀୟଥର ପାଇଁ କନିଷ୍ଠ ଏସିଆକପ୍ ଟାଇଟଲ ହାସଲ କରିଛି । ଏଥିପୂର୍ବରୁ ଦଳ ୨୦୨୩ ଏବଂ ୨୦୨୪ ମସିହାରେ ଏସିଆ କପ୍ ଜିତିଥିଲା ।

## ପାରା ବ୍ୟାଡମିଣ୍ଟନ

ଜାପାନ ଇଣ୍ଟରନ୍ୟାସନାଲ ପୁରୁଷ ସିଙ୍ଗଲ୍‌ସରେ ଏସ୍‌ଏଲ୍-ଥ୍ରୀ ବର୍ଗରେ ଓଡ଼ିଶାର ପାରା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତ ସ୍ୱର୍ଣ୍ଣପଦକ

ଜିତିଛନ୍ତି । ଶ୍ରୀ ଭଗତ ଏହାବ୍ୟତୀତ ପୁରୁଷ ଡବଲ୍ସରେ ସାଥୀ ଖେଳାଳି ସୁକାନ୍ତ କଦମଙ୍କ ସହ ରୌପ୍ୟପଦକ ଜିତିଛନ୍ତି । ଟୋକିଓ ପାରା ଅଲମ୍ପିକ ସ୍ୱର୍ଣ୍ଣପଦକ ବିଜେତା ପ୍ରମୋଦ ଭଗତ ସିଙ୍ଗଲ୍ସ ଫାଇନାଲରେ ଚମତ୍କାର ପ୍ରଦର୍ଶନ କରିବା ସହ ସ୍ୱଦେଶ ଖେଳାଳି ଉମେଶ କୁମାରଙ୍କୁ ୨୧-୧୬, ୨୧-୮ରେ ପରାସ୍ତ କରି ଏହି ସଫଳତା ହାସଲ କରିଛନ୍ତି ।

# ପାଣିପାଗ

ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଲଘୁଚାପ କ୍ଷେତ୍ର ପଶ୍ଚିମ–ଉତ୍ତର ପଶ୍ଚିମ ଦିଗରେ ଗତି କରୁଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ୨୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।